[redacted]

# ଭୁଲି ଯାଏ



# ଭୁଲପଥେ

ଲେଖକ—ଶ୍ରୀ ଲକ୍ଷ୍ମୀପ୍ରସାଦ ଗଡ଼ତ୍ୟା

ପ୍ରଥମ ସଂସ୍କରଣ

ନଂ 178
ମୂଲ୍ୟ

ପ୍ରକାଶକ—ଶ୍ରୀ ନିତ୍ୟାନନ୍ଦ ଧଳ

ମୁଦ୍ରଣ କରିଛନ୍ତି—ଶ୍ରୀ ଭିକାରୀ ଚରଣ ଧଳ

ଛପା ହୋଇଛି—ମହାଲକ୍ଷ୍ମୀ ପ୍ରେସ

ନଂ୪ ଗୋବିନ୍ଦସେନ ଲେନ କଲିକତା—୧୨

ପ୍ରାପ୍ତିସ୍ଥାନ—

# ପ ଦେ ଅ ଧେ

"ଭୁଲ୍‌ପଥେ" ଲେଖାର କଥା ବସ୍ତୁଟି ସମ୍ପୂର୍ଣ୍ଣ କାଳ୍ପନିକ ହେଲେ ମଧ୍ୟ ଏଥିରେ ରହିଛି କେତେକ ଶିକ୍ଷଣୀୟ ବିଷୟ। ମଣିଷ ବେଶ୍ୟା କବଳରେ ପଡ଼ି, ମଦ୍ୟପାନ କରି କିପରି ଚରିତ୍ରହୀନ ହୋଇ ବୁଦ୍ଧି ହରାଇ କଷ୍ଟପାଏ ଓ ତାର ପରିଣାମ ସ୍ୱରୂପ ଶେଷରେ ଅନୁତାପ କରେ—ତାହା ପଢ଼ିବାକୁ ପାଇବେ ଏହି ପୁସ୍ତକରେ।

ପାଠକ, ପାଠିକାମାନେ ଏହି ପୁସ୍ତକଟି ପଢ଼ି ଆନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ଏଥିରୁ କିଛି ଶିକ୍ଷା ପାଇଲେ ମୁଁ ମୋର ଶ୍ରମ ସାର୍ଥକ ମନେ କରିବି। ଇତି

ଟରଭା
ତା ୨୧।୮।୧୯୫୩

ବିନୀତ—
ଶ୍ରୀ ଲକ୍ଷ୍ମୀ ପ୍ରସାଦ ଗଉନ୍ତିଆ

# ଉତ୍ସର୍ଗ ପତ୍ର

ମୋର ପରମପୂଜ୍ୟ ପିତୃବ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ର

ଗଡ଼ତ୍ୟାଙ୍କ ପବିତ୍ର କରକମଳରେ କ୍ଷୁଦ୍ର

ପୁସ୍ତକ ଖଣ୍ଡି ଉତ୍ସର୍ଗ କଲି ।

— ପ୍ରଣେତା

# ଭୁଲପଥେ

—ଏକ—

ଟ୍ରେନ ଘୋ’ ଘୋ’ ଗର୍ଜ୍ଜନ କରି ତାର ଗନ୍ତବ୍ୟ ପଥରେ ଚାଲିଥାଏ ଷ୍ଟେସନ୍ ପରେ ଷ୍ଟେସନ ଅତିକ୍ରମ କରି । ଆଶାଲତା ଟ୍ରେନ୍‌ରେ ଏକ ଫାଷ୍ଟକ୍ଲାସ ଡବାରେ ଗଦି ଉପରେ ଆରାମରେ ବସି “ଯୁଗଭାରତୀ” ପତ୍ରିକାରେ-ଥିଲା ବ୍ୟସ୍ତ ।

ଟ୍ରେନ୍‌ଟି ଦୁଇ, ତିନୋଟି ଷ୍ଟେସନ୍ ଅତିକ୍ରମ କରିବା ପରେ ସେହି ଡବାରୁ କେତେକ ଲୋକ ଓହ୍ଲାଇ ପଡ଼ିଲେ । ସେହି ଡବାରେ ରହିଲେ ଆଶାଲତା ଓ ଜଣେ ଅପରିଚିତ ଯୁବକ । ଯୁବକଙ୍କ ପୋଷାକରୁ ଜଣା ପଡୁଥିଲା ଜଣେ ଶିକ୍ଷିତ ଯୁବକ ବୋଲି । ସୁନ୍ଦର ଚେହେରା । ଯୁବକଟି ସମୟେ ସମୟେ ଆଶାଲତାକୁ ଦେଖୁଥିଲା ଓ ଆଶାଲତାର ଆଖି ତା’ ମୁହଁରେ ପଡ଼ିଗଲେ ମୁହଁ ଫେରାଇ ଆଣୁଥିଲା ଲଜ୍ଜ୍ୟାରେ ।

ଆଶାଲତାର ରୂପ ଓ ଗୃହିଣୀରେ ଏ ମାଦକତା ଥିଲା ଯେଉଁଥିପାଇଁ ଯୁବକଟି ତାକୁ ନ ଦେଖି ରହି ପାରୁ ନ ଥିଲା । ଏହିପରି ଭାବରେ ଗୋଟାଏ ଷ୍ଟେସନ୍ ଅତିକ୍ରମ କରିଗଲା ।

ଯୁବକଟି ବଡ଼ ସାହିତ୍ୟାନୁରାଗୀ । ସେ ଆଶାଲତା ହାତରେ " ଯୁଗଭାରତୀ " ପତ୍ରିକା ଦେଖି ତାହା, ପଢ଼ିବା ପାଇଁ ମନ ବଳାଇଲା, ମାତ୍ର ଜଣେ ଅପରିଚିତାକୁ ମାଗିବ କିପରି ? ଇମିତି ନୀରବରେ କଟିଗଲା ପୁଣି ଆଠ, ଦଶ ମିନିଟ୍ ।

"ଯୁଗଭାରତୀ—ଏଇ ନୂଆ ମାସିକଟି ? ଦୟାକରି ଟିକିଏ ଦେଖିବା ପାଇଁ ଦେଇ ପାରିବେକି ? କହିଲା ଯୁବକଟି ।

ହଁ, ଆପଣ ଦେଖି ପାରନ୍ତି—ଏଇ ନିଅନ୍ତୁ-କହି ଆଶାଲତା ଯୁବକ ହାତକୁ ବଢ଼ାଇ ଦେଲା ପତ୍ରିକାଟି ।

ଯୁବକଟି ପତ୍ରିକାର ପୃଷ୍ଠା ଗୁଡ଼ିକ ଓଲଟ, ପାଲଟ କରି-ବାରେ ଲାଗିଲା । ପଢ଼ିବାକୁ ତା ମନ ବଳିଲା ନାହିଁ । କିଛି ସମୟ ପରେ ପତ୍ରିକାଟି ପୁଣି ଫେରାଇ ଦେଲା ଆଶାଲତାକୁ ।

ବାଃ—ଏତେ ଅଳ୍ପ ସମୟ ଭିତରେ ପତ୍ରିକା ଦେଖା ସରି ଗଲା ଆପଣଙ୍କର ? କହି ହସି ଉଠିଲା ଆଶାଲତା ।

'ଆଶାଲତା ! ମୁଁ ଏଥିପୂର୍ବେ ପତ୍ରିକାଟି ପଢ଼ିଥିଲି ଆମ କଲେଜରେ । ସେଥିର ଗୋଟିଏ କବିତା ପଢ଼ି ମୋତେ ଭାରି ଭଲ ଲାଗିଥିଲା, ମାତ୍ର ତହିଁରେ ମୋର ତୃପ୍ତି ଆସି ନଥିଲା । ତେଣୁ ଆଉଁ ଥରେ ପଢ଼ିବା ପାଇଁ ନେଇଥିଲି ।

( ଦୁଇ )

'ମୋ' ନାଁ ଟା ଆପଣ ଜାଣିଲେ କିମିତି ? ଆଶ୍ଚର୍ଯ୍ୟ ହୋଇ ପଚାରିଲା ଆଶାଲତା ।

"ଯୁଗଭାରତୀ" କଭର ଉପରେ ଆପଣଙ୍କ ନାମ ଲେଖାଥିବାର ଦେଖିଲି ।

ଓହୋ ବୁଝିଲି—ଆପଣ ବୋଧହୁଏ ପତ୍ରିକା ପଢ଼ିବା ପାଇଁ ନେଇ ନଥିଲେ—ନେଇଥିଲେ ମୋ' ନାମ ଜାଣିବାକୁ । ବେଶ୍ ମୋ' ପରିଚୟ ତ ପାଇ ସାରିଛନ୍ତି, କିନ୍ତୁ ଆପଣଙ୍କର··· ହସି ହସି କହିଲା ଆଶାଲତା ।

ବକ୍ସି ବଜାର କଟକ—"ଦାଶଭବନ" । ଆଉ ମୋ ନାଁ ରମାକାନ୍ତ ଦାଶ ।

"କଟକରେ ଆପଣଙ୍କ ଘର—ମୁଁ ତ ଯାଉଛି କଟକକୁ ବଡ଼ଭାଇ ଘରକୁ । ସୁବିଧା ମିଳିଲେ ନିଶ୍ଚୟ ବୁଲିବାକୁ ଯିବି ଆପଣଙ୍କ ଘରକୁ କହିଲା ଆଶାଲତା ।

ମୋରାଣି ଆଶା ! ଯେପରି ଭୁଲି ନଯାଅ—ଯିବାକୁ ଆମ ବସାକୁ ?

ଟ୍ରେନର ଦ୍ରୁତଗତି କମିବାକୁ ଲାଗିଲା । ଦୂରରୁ କଟକ ଷ୍ଟେସନ୍‌ର କୋଳାହଳ ଶୁଣାଗଲା । ତାହାଁ ତାହାଁ ଅଳ୍ପ ସମୟ ମଧ୍ୟରେ ଟ୍ରେନ ଯାଇଁ ଅଟକି ଗଲା ଷ୍ଟେସନ୍‌ରେ । ଆଶାଲତା ଓ ରମାକାନ୍ତ ଓହ୍ଲାଇ ପଡ଼ିଲେ ଟ୍ରେନ୍‌ରୁ ।

ଆଶାଲତା, ରମାକାନ୍ତ ଠାରୁ ବିଦାୟ ନେଇ ଚଢ଼ିଲା ଏକ ରିକ୍ସା ଗାଡ଼ିରେ । ରିକ୍ସାଗାଡ଼ି ଛୁଟି ଚାଲିଲା ଚୌଧୁରୀ ବଜାର ଅଭିମୁଖରେ ।

—୦—

## ( ତିନି )

## —ଦୁଇ—

ଆଜକୁ ତିନିଦିନ ହେବ ରମାକାନ୍ତ ମନ ପଢ଼ା ପଢ଼ିରେ ଆଦୌ ନାହିଁ । ସେ କଲେଜକୁ ଯାଏ ଶୁଷ୍କ ବଦନରେ । ପ୍ରଫେସରଙ୍କ ଲେକ୍‌ଚର ପ୍ରତି ଶ୍ରଦ୍ଧା ନଥାଏ ତାର । ପ୍ରଫେସର ଘଣ୍ଟା ଘଣ୍ଟା ଧରି ବକି ଯାଉଥାନ୍ତି । ରମାକାନ୍ତ ଲାଷ୍ଟ ସିଟ୍‌ରେ ବସି ଭାବି ଯାଉଥାଏ କେତେ କଣ । ସେଦିନ ଟ୍ରେନର ଘଟଣା ତା' ଆଖି ଆଗରେ ନାଚି ଉଠୁଥାଏ । ଆଶାଲତାର କମନୀୟ ମୂର୍ତ୍ତି ଓ ବକ୍ର ଚାହାଣି ମନେ ପଡ଼ିଲେ ତା' ହୃଦୟ ଅସ୍ଥିର ହୋଇ ଯାଉଥାଏ । ଅଜାଣତରେ ମନରେ ଜାଗି ଉଠୁଥାଏ କେତେ ଗୋପନ ଆଶା ।

କଲେଜଛୁଟି ହୁଏ । କଲେଜ ଛାତ୍ର, ଛାତ୍ରୀମାନେ କଲେଜ ତ୍ୟାଗକରି ଯେ' ଯା ଗୃହକୁ ଫେରନ୍ତି । ରମାକାନ୍ତ ମଧ୍ୟ କଲେଜ ତ୍ୟାଗକରି ବହି, ଖାତା ଧରି ବିଷର୍ଣ୍ଣ ବଦନରେ ଫେରେ ଗୃହକୁ ଏକୁଟିଆ । ସାଙ୍ଗ ସାଥୀ ପିଲାମାନେ ରମାକାନ୍ତର ଏତାଦୃଶ ପରିବର୍ତ୍ତନ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି । କଥା କଣ ବୁଝି ପାରନ୍ତି ନାହିଁ ।

( କ୍ରମଶ )

ସେଦିନ—ତପନଦେବ ଧରା ପୃଷ୍ଠରେ ନିଜର ସୁନେଲି ରଶ୍ମି ବିଛେଇ ଦେଇ ହସି ହସି ବିଦାୟ ନେଲେ । ତପନଙ୍କୁ ନଦେଖି ପଦ୍ମିନୀ ଢଳି ପଡ଼ିଲା ପୁଷ୍କରିଣୀର ସ୍ଵଚ୍ଛ ନୀଳ ଜଳରାଶି ଉପରେ । ହସ ହସ ମୁଖ ତାର ମଉଳି ଗଲା ସାଙ୍ଗେ ସାଙ୍ଗେ ।

ଏଣେ—ଫୁଲେଇଁ ଜହ୍ନ ଉଙ୍କି ମାରିଲା ଆକାଶରେ । ରଜତ ଜ୍ୟୋସ୍ନା ଚୁର୍ଣି ହୋଇଗଲା ଧରା ପୃଷ୍ଠରେ । କୁମୁଦିନୀ ହସି ହସି ସଙ୍ଗକେ ମୁଣ୍ଡ ଟେକିଲା ଧୀରେ ଧୀରେ । ଦିଗଙ୍ଗନାମାନେ ଶୁକ୍ଳବସ୍ତ୍ର ପରିଧାନ କରି ହସି ଉଠିଲେ ।

ବାଳକ, ବାଳିକାମାନେ ମନ ସୁଖେ ଗୀତ ଗାଇ ଖେଳି ବୁଲିଲେ ଦାଣ୍ଡରେ !

× × × ×

ରମାକାନ୍ତକୁ ବାହାରର ଦୃଶ୍ୟ ସବୁ ଭଲ ଲାଗୁନଥିଲା । ସେ ସେଥିପାଇଁ ନିଜ ଡ୍ରଇଂରୁମ୍‌ରେ ବସି ଭାବି ଯାଉଥିଲା କେତେ କଣ । କାନ୍ଥର ଘଣ୍ଟା କଟା ଟକ୍ ଟକ୍ କରି ଚାଲିଥାଏ ତାର କାମରେ । ସେଥି ପ୍ରତି ଦୃଷ୍ଟି ନଥାଏ ରମାକାନ୍ତର । ବାରଟା ବାଜିବାକୁ ପାଞ୍ଚ ମିନିଟ୍ କମ୍ । ରମାକାନ୍ତର ଆଖି ମୁଦି ହେବାକୁ ଲାଗିଲା । ସେ ଢଳି ପଡ଼ିଲା କୋମଳ ଶଯ୍ୟାରେ ।

ସ୍ଵପ୍ନରେ—ରମାକାନ୍ତ ସ୍ଵପ୍ନରେ ଦେଖିଲା ଆଶାଲତା ଆସିଛି ତାର ଡ୍ରଇଂରୁମକୁ । ଆଶାଲତାକୁ ଦେଖିଲାକ୍ଷଣି ତା' ମୁହଁରେ ହସ ଫୁଟି ଉଠିଲା । ସେ ଗୋଟିଏ ଚୌକି ଦେଖାଇ ତାକୁ ଅନୁରୋଧ କଲା ବସିବାକୁ । ଆଶାଲତା ବସିଲା ଚୌକିରେ ।

( ପାଞ୍ଚ

ନଂ..........
ତା..........
ରାଉରକେଲା

" ସତେ' ଆଶା ! ମୁଁ ଆଶା କରି ନଥିଲି ତୁମେ ଆସିବ ବୋଲି ଆମ ଘରକୁ ? ତୁମର ଶୁଭାଗମନରେ, ମୁଁ ନିଜକୁ ଭାଗ୍ୟବାନ୍ ମନେ କରୁଛି'—କହିଲା ରମାକାନ୍ତ ।

'ଆପଣଙ୍କୁ ବନ୍ଧୁ ରୂପେ ପାଇ ମୁଁ ନିଜକୁ ସୌଭାଗ୍ୟବତୀ ମନେ କରୁଛି ପ୍ରକୃତରେ ଆପଣଙ୍କ ସୌଜନ୍ୟତା ମୁଁ କେବେହେଁ ଭୁଲି ପାରିବ ନାହିଁ'—କହିଲା ଆଶାଲତା ।

'ଛି-ଆଶା ! ଏଣିକି ମୋତେ ଆଉ ଆପଣ ବୋଲି ସମ୍ବୋଧନ କରିବୁ ନାହିଁ । ମୁଁ ତୋତେ ନିଜର ଭଉଣୀ ପରି ମନେ କରେ । ତୁ ମୋତେ ଦାଦା ବୋଲି ସମ୍ବୋଧନ କଲେ ମୁଁ ବଡ଼ ଖୁସି ହେବି' ।

ଦାଦା, ଦାଦା ରମାଦାଦା କହି ଉଠିଲା ଆଶାଲତା ।

'ଭଉଣୀ, ଭଉଣୀ ମୋର, ସୁନା ଭଉଣୀ ! କହି ରମାକାନ୍ତ ଜାବୁଡ଼ି ଧରି ପକାଇଲା ଆଶାଲତାକୁ । ଆଶାଲତାର କୋମଳ ତନୁ ସ୍ପର୍ଶରେ ସ୍ପନ୍ଦନ ଜାତ ହେଲା ରମାକାନ୍ତର । ସେ ବଲି ବଲି ଚାହିଁ ରହିଲା ଆଶାଲତାର ମୁହଁକୁ ଓ ଡାକିଲା ଭଉଣୀ ! ଭଉଣୀ ¡

ଠିକ୍ ସେହିତକି ବେଳେ—ଚାଉଁକିନା ନିଦ ଭାଙ୍ଗିଗଲା ରମାକାନ୍ତର । ସେ ଦେଖିଲା ଆଶାଲତା ନାହିଁ । ତାକୁ ଚତୁଃଦିଗ ଅନ୍ଧକାର ମନୁ ଦେଖାଗଲା ଆଶାଲତାକୁ ନଦେଖି । ସ୍ୱପ୍ନ ନା, ସତ, ସେ କିଛି ଠିକ୍ କରି ପାରିଲା ନାହିଁ ।

× × × ×

---

( ଛଅ )

# ତିନି

କଲେଜ ଛୁଟିପରେ ରମାକାନ୍ତ ତାର କଲେଜ ବନ୍ଧୁ ରଜନୀକାନ୍ତଙ୍କ ବସାକୁ ବୁଲଯାଏ । ରଜନୀକାନ୍ତଙ୍କ ବାପା ଓ ମାଆ ତାକୁ ବଡ଼ ଆଦର କରନ୍ତି । ରଜନୀକାନ୍ତଙ୍କ ଭଉଣୀ କଲ୍ୟାଣୀ ତାକୁ ଭଲପାଏ । ସେ ତା ସାଥିରେ ଅନେକ ସମୟରେ ହସ ଖୁସି ଗପ କରେ । ପୁରୀ ସିବାଦନ ଠାରୁ ସେ ତାଙ୍କ ଘରକୁ ଆସି ନଥିଲା । ସେ କଲ୍ୟାଣୀ ଘରକୁ ଯାଇ ରଜନୀ, ରଜନୀ ବୋଲି ଡାକିଲା । କଲ୍ୟାଣୀ ରମାକାନ୍ତର ଡାକ ଶୁଣି ଡ୍ରଇଂରୁମ୍‌ରୁ ତା ପାଖକୁ ଯାଇଁ ତାକୁ ଡାକି ଆଣିଲା ନିଜ ଡ୍ରଇଂ ରୁମ୍‌କୁ । କଲ୍ୟାଣୀ କହିଲା,, ରମାଦାଦା, ରଜନୀ-ଦାଦା ନାହାନ୍ତି-କାଲି ସନ୍ଧ୍ୟା ଗାଡ଼ିରେ ଯାଇଛନ୍ତି ସମ୍ବଲପୁର । ଦୁ' ଦିନ ପରେ ଫେରିବେ ।

ଡ୍ରଇଂରୁମରେ ଏକ ଚୌକିରେ ବସିଲା ରମାକାନ୍ତ ଓ ଅନ୍ୟ ଏକ ଚୌକିରେ ବସିଲା କଲ୍ୟାଣୀ । ନାନା ପ୍ରକାର ମଜଗ ଗପ ଚାଲିଲା । ଟେବୁଲ୍ ଉପରେ ରଖା ହୋଇଥିବା "ଯୁଗଭାରତୀ" ପତ୍ରିକା ଉପରେ ରମାକାନ୍ତର ଆଖି ପଡ଼ିଲା ।

ସେ ପତ୍ରିକାଟିକୁ ଟେବୁଲ ଉପରୁ ଉଠାଇ ନେଲା । ଟ୍ରେନରେ ଆଶାଲତା ଠାରୁ ଯେଉଁ ପତ୍ରିକା ନେଇ ପଢ଼ିଥିଲା ତାହା ହେଉଛି ସେହି ପତ୍ରିକା । ପତ୍ରିକାରକଭର ଉପରେ ଆଶାଲତାର ନାମ ମଧ୍ୟ ଉଲ୍ଲେଖଅଛି । ରମାକାଂତ ଆଶ୍ଚର୍ଯ୍ୟ ହେଲା । ସେ ଭାବିଲା, ଆଶାଲତାର ପତ୍ରିକା ଏଠାକୁ ଆସିଲା କିପରି ? ଆଶାଲତାତ କହୁଥିଲା ତା ବଉଳ ଘର କଟକକୁ ଆସିବ ବୋଲି—ତେବେ କଣ ଏଇ କଲ୍ୟାଣୀ ତାର ବଉଳ ? ଅସମ୍ଭବ ଆଶାଲତାଯେ ଏଠାରେ ନାହିଁ ।

'କଲ୍ୟାଣୀ ! ଏ ପତ୍ରିକାଟି କେଉଁଠୁ ଆଣିଲୁ ? କହିଲା ରମାକାନ୍ତ ।

"କାହିଁକି ? କଣ ହେଲାକି ? ମାଗି ଆଣିବ ପଢ଼ିବାକୁ—"

"ପଚାରୁଥିଲି, ପତ୍ରିକାରେ ଆଶାଲତାର ନାମ ଦେଖି' — କହିଲା ରମାକାନ୍ତ ।

"ତାଙ୍କୁ କଣ ତୁମେ ଚିହ୍ନ ? "ହଁ ଚିହ୍ନେ"— ତୁମେ ସତେ ଚିହ୍ନ ଦାଦା ! ମୋ' ବଉଳକୁ ? କାହିଁମୋତେତ ତୁମ କଥା ଆଜିଯାଏଁ ମୋ ବଉଳ କହି ନାହାନ୍ତି ?—କହିଲା କଲ୍ୟାଣୀ ।

ଠିକ୍ ସେତିକିବେଳେ ଆଶାଲତା ପଶି ଆସିଲା ଭିତରକୁ । ସେ ରମାକାନ୍ତକୁ ସେଠାରେ ଦେଖି ନମସ୍କାର କହି ଏକ ଚୌକିରେ ବସି ପଡ଼ିଲା ।

ବଢ଼ିଲ ! ଏଇ ସେହି ରମାଦାଦା । ମୁଁ କହୁଥିଲି ଏହାଙ୍କ ଘରକୁ ବୁଲିଯିବା ପାଇଁ । ମୁଁ ତୁମ୍ଭର ପରିଚୟ ନଦେବା ପୂର୍ବରୁ ତୁମେ ତାଙ୍କ ସଙ୍ଗେ ବେଶ୍ ଚିହ୍ନା ହୋଇ ସାରିଲାଣି ? ରମାଦାଦା ତୁମକୁ ନଦେଖି...

ଠୋ ଠୋ ହସି ଉଠିଲା କଲ୍ୟାଣୀ । "କଲ୍ୟାଣୀ ! ତୋର ଦୁଷ୍ଟାମୀ କେବେ ଗଲାନି" କହି ସସ୍ନେହେ ରମାକାନ୍ତ କଲ୍ୟାଣୀର ସ୍ନିଗ୍‌ଧ ଗାଲରେ ଦେଲା ଏକ ଚୁମ୍ବନ ।

ତିନି ଜଣଙ୍କ ମଧ୍ୟରେ କିଛି ସମୟ ଚାଲିଲା ଖୁସିଗପ । କଲ୍ୟାଣୀ ଜଳଖିଆ ଆଣିବାକୁ ଗଲା, ଡ୍ରଇଂରୁମ୍ ତ୍ୟାଗକରି । ଡ୍ରଇଂରୁମ୍‌ରେ ରହିଲେ ରମାକାନ୍ତ ଓ ଆଶାଲତା । କିଛି ସମୟ ଯାଏ ରହିଲେ ଉଭୟେ ନୀରବ ।

"ସତେ ଆଶା ! ତୁମକୁ ଦେଖିବା ଦିନୁ ମନ କାହିଁକି ମୋର ସ୍ଥିର ରହୁନି—କ୍ଷଣେ ତୁମକୁ ନଦେଖିଲେ ଚାରିଆଡ଼େ ମୋତେ ଅଂଧକାର ମନେ ଦେଖାଯାଉଛି । ପ୍ରକୃତରେ ଆଶା ! ତୁମର ମନଭୁଲା ରୂପ ଓ ଚାହାଣୀରେ କି ମାଦକତା ଅଛି କେଜାଣି କାହିଁକି ମୁଁ ଭୁଲି ପାରୁନି — କିନ୍ତୁ ମୁଁ ଜାଣିବାକୁ ଚାହେଁ ତୁମେ ମୋତେ ଭଲ ପାଅ କି ନାଁ ?" ନୀରବତା ଭଙ୍ଗ କରି କହିଲା ରମାକାନ୍ତ ।

"ସତେ ମୋତେ ଭଲପାଅ ? ସବୁଦିନ ଭଲ ପାଇବତ
ଭୁଲିଯିବ ନାହିଁତ ? ତେବେ ମୋର ବଡ଼ ଭାଗ୍ୟ— କହି
ଆଶାଲତା ।

ଚା, ଜଳଖିଆ ନେଇ କଲ୍ୟାଣୀ ପଶି ଆସିଲା ଡ୍ରଇଂରୁମ୍‌କୁ
ରମାକାନ୍ତ ଓ ଆଶାଲତାର କଥାବାର୍ତ୍ତାରେ ବାଧା ପଡ଼ିଲ
ସେ ଦୁହେଁ ଚୁପ୍‌ରହି ବହି ପଢ଼ୁଥିବାର କଲେ ଛଳନା ।

ତିନିଜଣ ଏକାଠି ବସି ଚା ଜଳଖିଆ ଖାଇଲେ । ରମାକା
ଧନ୍ୟବାଦ ଦେଲା କଲ୍ୟାଣୀକୁ । ତାର ଜଳଖିଆ ସଜାର ପାଇଁ

ସେଠାରେ ତିନିଜଣଙ୍କର ନାନା ପ୍ରକାର କଥାବାର୍ତ୍ତାରେ
କଟିଗଲା କିଛି ସମୟ ।

ରମାକାନ୍ତ ସେମାନଙ୍କ ଠାରୁ ବିଦାୟ ନେଇ ଚାଲି ଆସି
ସମୟରେ ଆଶାଲତା ଡ୍ରଇଂରୁମ୍‌ର ଝରକା ଫାଙ୍କରେ ଚା
ରହିଲା ରମାକାନ୍ତଙ୍କୁ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

—ଛର—

ଦୁଇଦିନପରେ—

ଆଶାଲତା ବିଦାୟ ନେଇ ଚାଲି ଯାଇଛି ପୁରୀକୁ । ଖରା ବାଜି ଗଙ୍ଗଶିଉଳି ଫୁଲ ମଉଳିଲା ପରି ରମାକାନ୍ତର ହସ ହସ ମୁହଁର ତେଜ କମି ଯାଇଛି, ଆଶାଲତାର ବିଚ୍ଛେଦରେ ।

ସଂଧ୍ୟା ସମୟ । କାଠଯୋଡ଼ି କୂଳରେ ସାନ୍ଧ୍ୟ ସମୀରଣ ସେବନ ପାଇଁ ଦଳ ଦଳ ଯୁବକ, ଯୁବତୀ ବୁଲୁଥାନ୍ତି । ଦିନ ଥିଲା ଦିନେ ଯେଉଁ ରମାକାନ୍ତ ସାଥୀମାନଙ୍କ ସଙ୍ଗରେ ଏଇ କାଠଯୋଡ଼ି କୂଳରେ ସଂଧ୍ୟା ସମୟରେ ବୁଲି ଯୁବତୀ ମାନଙ୍କ ପଛରେ ଗୋଡ଼ାଉଥିଲା ବନ୍ଧୁମାନଙ୍କ ହସରେ ନିଜର ହସ ମିଶାଇ ଦେଇ ଅସୀମ ଆନନ୍ଦ ଲାଭ କରୁଥିଲା, ଆଜି ତାକୁ ନିରସ ବୋଧ ହେଉଛି ସେସବୁ । ସାଥୀମାନଙ୍କ ସଙ୍ଗରେ ବୁଲିବାକୁ ତାକୁ ଭଲ ଲାଗୁନାହିଁ; ତେଣୁ ସେ ବୁଲୁଥିଲା ଏକୁଟିଆ । ଏକ ନିର୍ଜନ ସ୍ଥାନ ବାଛିନେଇ ସେ ବସି ପଡ଼ିଲା ନଦୀର ବାଲିକୁଦ ଉପରେ ଓ ମନେ ମନେ ଭାବିଲା କେତେ କଣ ପାଗଳଙ୍କ ପରି ।

( ଏଗାର )

ଆଶା ! ଆଶା !
ହୃଦୟର ରାଣୀ ମୋର !
କିଆ ପାଇଲି ମୁଁ
ତୁମକୁ ଗୋ ଭଲ ?
ଚଖାଇଲ କିଆ ପ୍ରିୟେ !

ପ୍ରେମର ମଦିରା ?
ଯା' ପାନ କରି ମୁଁ

ହୋଇଛି ପାଗଳ ?
ତବ ବିଚ୍ଛେଦେ ମୁଁ ମଣେ
ଆଜ ମୃତ୍ୟୁକୁ ଗୋ ଭଲ ?

× × × ×

ନଦୀ କୂଳରୁ ଲୋକ ଗହଳି କମିବାକୁ ଲାଗିଲା ଧୀରେ ଧୀରେ । ତାରାମାନେ ମିଟି ମିଟି ଆଖି ଖୋଲି ଦେଖାଦେଲେ ନୀଳ ଗଗନରେ । ନୀଳ ଶାଢ଼ୀରେ ଜରିଫୁଲପରି ତାରାମାନେ ଶୋଭା ପାଇଲେ । ଅନ୍ଧକାର ତା ରାଜତ୍ୱ ବିସ୍ତାର କଲା ଧୀରେ ଧୀରେ । ନିଚ୍ଛଟିଆ ନଦୀ କୂଳରେ ଝିଙ୍କାରୀର ଝିଁ ଝିଁ ନାଦ ଶୁଣାଗଲା ଦୂରରୁ । ରମାକାନ୍ତ କଳ୍ପନା ରାଜ୍ୟରୁ ଫେରି ଗୃହାଭିମୁଖରେ ଗମନ କଲା ସେ ସ୍ଥାନ, ତ୍ୟାଗକରି ।

ରାତି ଦଶଟା ସମୟ—

ରମାକାନ୍ତ ଖାଇ ସାରିବା ପରେ ନିଜର ରୁମ୍‌କୁ ଆସି ମନ ଉଦ୍‌ବେଗରେ ଲେଖିଲା ଏକ ପ୍ରେମ ପତ୍ରିକା ଆଶାଲତା ପାଖକୁ ।

( ବାର )

କୋଇଲଲୋ

ମୋହପାଇଁ ଉଡ଼ି ଉଡ଼ି ଯାଇ,
କହିବୁ ଗୁପତକଥା ପ୍ରିୟାଙ୍କୁ ବୁଝାଇ ।
ଲୋ କୋଇଲି
କହିବୁ ବୁଝାଇ ।୧।

କୋଇଲି ଲୋ

ପ୍ରିୟାପାଇଁ ଦିନ, ରାତି ମୁହିଁ,
ତା ବିଚ୍ଛେଦେ ଝୁରି ଝୁରି, ଦିନ ସରୁନାହିଁ,
ଲୋ କୋଇଲି
ଦିନ ସରୁନାହିଁ ।୨।

କୋଇଲିଲୋ

ନୟନରୁ, ଲୁହଯାଏ ବୋହି,
ପ୍ରିୟାବିନେ ମୋତେ କିଛୁ ଭଲ
ଲାଗୁନାହିଁ ।
ଲୋ କୋଇଲି,
ଭଲ ଲାଗୁ ନାହିଁ । ୩ ।

କୋଇଲି ଲୋ

ମୋର କଥା କହ ଯାଇ ବୁଝାଇ,
ପ୍ରିୟାକଥା ଭାଳି ଭାଳି ହେଲିଣି ମୁଁ ବାଇ ।
ଲୋ କୋଇଲି
ହେଲିଣି ମୁଁ ବାଇ । ୪ ।

( ତେର )

କୋଇଲି ଲୋ

ପ୍ରିୟା ଯେଲ୍ଲେ ଭୁଲିପିବ ନାହିଁ,
କହିବୁ ସେକଥା ଯାଇଁ ତାହାକୁ
ବୁଝାଇ ।
ଲୋ କୋଇଲି
କହିବୁ ବୁଝାଇ ।୪।

ଲେଖା ଶେଷପରେ ସେ ତାହା ଲଫାପା ଭିତରେ ବନ୍ଦକରି ତା ଉପରେ ଲେଖିଲା ଆଶାଲତାର ଠିକଣା ।

ସେଦିନ ପଢ଼ିବାକୁ ରମାକାନ୍ତର ମନ ଲାଗିଲା ନାହିଁ । ସେ ଶୋଇ ପଡ଼ିଲା ଶଯ୍ୟାରେ ନିଦ୍ରାଦେବୀଙ୍କ କୋମଳ କୋଳରେ ।

ତହିଁ ଆରଦିନ ଚିଠିଟି ପକାଗଲା ଲେଟର ବାକ୍ସରେ ।

ତିନିଦିନ ପରେ—ରମାକାନ୍ତ କଲେଜରୁ ଫେରିବା ସମୟରେ ପୋଷ୍ଟମେନ୍ ତାକୁ ଏକ ଲଫାପା ଦେଲା । ସେ ତାହା ଆଗ୍ରହ ସହିତ ଖୋଲି ପଢ଼ିଲା । ଚିଠିଟି ଆସିଥିଲା ଆଶାଲତା ପାଖରୁ । ସେ ଲେଖିଥିଲା:—

ପ୍ରାଣପ୍ରିୟ ମୋର !
ପାଇଛି ମୁଁ ଦରଦଭରା
କବିତା ତୁମର ।
ମୋ' ବକ୍ଷେ ଦେ ଝୁରାଇଛି—
ଯେଣୁ ନୟନରୁ ଲୁହ,
ଶୁଣିକରି ଜାତହୁଏ
ତେଣୁ ହୃଦେ କୋହ ।

ପ୍ରିୟ ମୋର !
ଅଭାଗିନୀ ପାଇଁ
ଆଜ ଭାଲ କଷ୍ଟ ବୃଥା ?
ହୃଦୟର ଦେବତା ରୂପେ
ବରିଛି ମୁଁ ଯାଙ୍କୁ—
ନଚାହେଁ ମୁଁ
ଦେବା ପାଇଁ ତାଙ୍କ ମନେ ବ୍ୟଥା ।
ତୁମେ ମୋର—
ମୁଁ ତୁମର ନହେବ ଅନ୍ୟଥା
ସ୍ୱତନ୍ତ୍ରା ନବାର ଯେହେ,
ନବ ବର୍ଷା ଜଳେ—
ଚାହିଁଥାଏ ଚାତକ ପକ୍ଷୀ,
ତବ ଦର୍ଶନ ଆଶେ
ତେସନ ମୁଁ ରହିଛି ଉପେକ୍ଷୀ ।
ଇତି ।
—ଆଶାଲତା

ଚିଠିଟିକୁ ରମାକାନ୍ତ ପଢ଼ି ମନରେ କେତେକଣ ଭାବିଗଲା । ସେ ଯେପରି ଆଶାଲତା ପାଇଁ ପାଗଳ ହେଉଛି—ଆଶାଲତା ମଧ୍ୟ ତା' ପାଇଁ ପାଗଳ ।

ତାଙ୍କୁ ଦେଖିବାକୁ ବ୍ୟଗ୍ର । ପ୍ରେମର କି ଚୁମ୍ବକ ଶକ୍ତି ଅଛି ? ଚୁମ୍ବକ ପଥର ଲୁହାକୁ ଯେମିତି ପାଖକୁ ଟାଣିନାଏ—ସେମିତି ପ୍ରେମିକ, ପ୍ରେମିକାକୁ ଓ ପ୍ରେମିକା, ପ୍ରେମିକକୁ ନେଇଥାଏ ଟାଣି । ସେତେବେଳେ ସେମାନେ ଲଭିଥାନ୍ତି ସ୍ୱର୍ଗୀୟ ସୁଖ ଭୁଲିଯାଇ ଜଗତର ଦୁଃଖ, କଷ୍ଟ କ୍ଷଣିକ ସକାଶେ ।

## ପାଞ୍ଚ —

ଶଠିପାଇ ରମାକାନ୍ତର ମନ ବଡ଼ ବ୍ୟସ୍ତ ହେଲା ଦେଖିବାକୁ ଆଶାଲତାକୁ । ସେ ତହିଁ ଆରଦିନ ଷ୍ଟେସନକୁ ଯାଇ ପୁରୀ ଟିକଟ୍ କିଣି ବସିପଡ଼ିଲା ଟ୍ରେନ୍‌ରେ । କିଛିସମୟ ପରେ ଟ୍ରେନ୍ ଷ୍ଟାର୍ଟହୋଇ ଘୋ' ଘୋ' ଗର୍ଜ୍ଜନ କରି ଚାଲିଲା ପୁରୀ ଅଭିମୁଖେ । ଷ୍ଟେସନ ପରେ ଷ୍ଟେସନ ଅତିକ୍ରମ କରିବା ପରେ ଦିନ ଏଗାରଟାରେ ଟ୍ରେନ୍ ବନ୍ଦହେଲା ପୁରୀ ଷ୍ଟେସନରେ । ରମାକାନ୍ତ ଷ୍ଟେସନରେ ଓହ୍ଲାଇ ରିକ୍‌ସାଟିଏ ଭଡ଼ା କଲା । ରିକ୍‌ସା-ବାଲା ରିକ୍‌ସା ଗାଡ଼ିକୁ ଛୁଟାଇ ଚାଲିଲା ସମୁଦ୍ର କୂଳକୁ ଆଶାଲତା ଗୃହକୁ । ସେଦିନ ବିଷୁବ ସଂକ୍ରାନ୍ତି । ସ୍କୁଲ୍, କଲେଜ, କଚେରୀ ସବୁବନ୍ଦ ।

ଆଶାଲତା ନିଜର ଡ୍ରଇଂ ରୁମ୍‌ରେ ବସି ପଢୁଥିଲା **'ଚଲିବାଦଲ'** ଉପନ୍ୟାସଟି । ହଠାତ ତା' ଆଖି ପଡ଼ିଗଲା ଡ୍ରଇଂ ରୁମ୍‌ର ସାମନାରେ ବଂଦ୍ ହେଉଥିବା ରିକ୍‌ସା ଗାଡ଼ି ଉପରେ ।

ସେ ସେଠାରୁ ଆସି ଦେଖେତ ତାର ପ୍ରାଣପ୍ରିୟ ରମାକାନ୍ତ ଆସିଛନ୍ତି । ସେ ତାକୁ ନମସ୍କାରଟିଏ କରି ଡ୍ରଇଂରୁମ୍ ଭିତରକୁ ନେଇ ଆସିଲା । ଆଶା ର ନିର୍ଦ୍ଦେଶ ମତେ ଚାକର ଟୋକା ଆଣି

ହେଲା ଜଳଖିଆ । ଜଳଖିଆଖାଇ ରମାକାନ୍ତ ଆଶାଲତା ସଙ୍ଗରେ କିଛି ସମୟ କଥାବାର୍ତ୍ତା ହେବାପରେ ଆଶାଲତା, ତାଙ୍କୁ 'ତା' ବାପା, ମାଆ ପାଖକୁ ଆଣି ପରିଚୟ କରାଇ ଦେଲା ବଉଳାର ଦାଦାଙ୍କର ଜଣେ କଲେଜ ସାଥୀ ବୋଲି । ବୃଦ୍ଧ ଓକିଲ ଶ୍ୟାମସୁନ୍ଦର ବାବୁ ଓ ତାଙ୍କର ସ୍ତ୍ରୀ ବନଜା ଦେବୀ ରମାକାନ୍ତର ବ୍ୟବହାର ଓ କଥାବାର୍ତ୍ତାରେ ହେଲେ ମୁଗ୍ଧ । ଶ୍ୟାମବାବୁ ନିଜର ଦୁଃଖ, ସୁଖ କଥା କହିଗଲେ ରମାକାନ୍ତ ଆଗରେ ।

ସନ୍ଧ୍ୟା ସମୟ । ତପନଦେବ ହସି ହସି ଲୁଚି ଯାଉଥାନ୍ତି ଅସ୍ତାଚଳ ଚୂଡ଼ାରେ । ତପନ ଦେବଙ୍କର ସୁନେଲି ରଶ୍ମି ସମୁଦ୍ର ଲହରୀ ଉପରେ ପଡ଼ି ଚକ୍ ଚକ୍ କରୁଥାଏ । ସମୁଦ୍ରର ଘୋ ଘୋ ଗର୍ଜନ ଶୁଣା ଯାଉ ଥାଏ କାନକୁ । ସେହି ସମୟରେ ସମୁଦ୍ରର ଦୃଶ୍ୟ ଦେଖିବାରେ ଓ ମୁକ୍ତ ବାୟୁ ସେବନ କରିବାରେ ବୁଲୁଥାନ୍ତି ସମୁଦ୍ର କୂଳରେ ଦଳ ଦଳ ଯୁବକ ଯୁବତୀ ।

ରମାକାନ୍ତ ଓ ଆଶାଲତା ସମୁଦ୍ର କୂଳେ କୂଳେ ଯାଉଥିଲେ ସମୁଦ୍ରର ଦୃଶ୍ୟ ଦେଖି ଦେଖି । କିଛି ଦୂର ଯିବା ପରେ ସେ ଦୁହେଁ ଏକ ରମଣୀୟ ସ୍ଥାନ ଦେଖି ବସି ପଡ଼ିଲେ ସମୁଦ୍ର କୂଳରେ ଓ ଆରମ୍ଭ କରି ଦେଲେ ନାନା ପ୍ରକାର କଥାବାର୍ତ୍ତା । ଅନ୍ଧକାର ଧୀରେ ଧୀରେ ମାଡ଼ି ଆସିଲା । ସମୁଦ୍ର କୂଳ ଜନ ଶୂନ୍ୟ ହେବାକୁ ଲାଗିଲା ।

ସତେ ଆଶା ଇଚ୍ଛାହୁଏ
ତୁମ ସାଥେ ଯିବା ପାଇଁ ଚାଲି
କେଉଁଅଜଣା ରାଇଜେ
ଗଢ଼ିବାକୁ ନୂତନ ସଂସାର

ବାଃ ଏବେ ତୁମେ ପ୍ରେମିକ ହେବା ସଙ୍ଗେ ସଙ୍ଗେ ବେଶ୍ କବି ବି ପାଲଟି ଗଲଣି ?—ହସି ହସି କହିଲା ଆଶାଲତା ।

ଆଉ ତୁମେ ? କହି ରମାକାନ୍ତ ଆଶାଲତାକୁ ଟାଣି ଆଣିଲା ନିଜ ପାଖକୁ । ଆଶାଲତାର କୋମଳ ତନୁଲତାଟି ଲେଟି ପଡ଼ିଲା ତଳେ ।

ଅନ୍ଧକାର ନିଜର ରାଜତ୍ୱକୁ ବିସ୍ତାର କଲା ଧୀରେ୨ । ଚତୁଃ-ଦିଗ ଅନ୍ଧକାର ମଧ୍ୟ ଦେଖାଗଲା । ନୀଳ ଗଗନରେ ଦେଖା-ଗଲା ମିଟି୨ ତାରାପୁଞ୍ଜ । ସମୁଦ୍ର ବକ୍ଷରୁ ଭାସି ଆସିଲା ନାଉରୀର ମନ ମୁଗ୍‌ଧ କର କବିସୂର୍ଯ୍ୟଙ୍କର ଚମ୍ପୁର "ଗଲାଣିତ ଗଲା କଥାରେ ସଙ୍ଗୀତ" । ରମାକାନ୍ତ ଓ ଆଶାଲତା ସମୁଦ୍ରକୂଳ ତ୍ୟାଗକରି ଫେରି ଆସିଲେ ଗୃହକୁ ।

ରମାକାନ୍ତ ଆଶାଲତା ଘରେ ଦୁଇଦିନ ମାତ୍ର ରହିଥିଲା । ବେଶିଦିନ ରହିଲେ ଶଙ୍କା ପଡ଼ିପିବ ଭାବି, ତୃତୀୟ ଦିନ ବିଦାୟ ନେଇ ଚାଲି ଆସିଥିଲା କଟକକୁ ।

———

ସଂଘ ଲାଇବ୍ରେରୀ
ନଂ.........
ତା.........
ରାଉରକେଲା

## —ଛଅ—

ତିନି ମାସପରେ—

ରମାକାନ୍ତର ସିଭିଲ ମ୍ୟାରେଜ ହୋଇ ସାରିଛି ଆଶାଲତା ସହିତ । ସେ ବି,ଏ ଡିଗ୍ରୀ ହାସଲ କରିଛି ଓ ଚଉଦୁଆର କ୍ଲଥ ମିଲ୍‌ରେ ମାସିକ ଟ୩୦୦୯ରେ ନିଯୁକ୍ତ ହୋଇଛନ୍ତି ଉଚ୍ଚପାହ୍ୟା କର୍ମଚାରୀ ପଦରେ ।

ଏ ମଧ୍ୟରେ ରମାକାନ୍ତର ବହୁତ ପରିବର୍ତ୍ତନ ହୋଇଛି । ସେ ସାହେବୀ ପୋଷାକରେ ଯାଏ ମିଲ୍‌କୁ । ମିଲ୍‌ର ତଳ ପାହ୍ୟାର କର୍ମଚାରୀମାନେ ତାଙ୍କୁ ବେଶ୍ ଖାତିର କରନ୍ତି । ସେ ଆଜି କଲେଜ ପଢ଼ୁଆ ରମାକାନ୍ତ ନୁହେଁ—ସେ ଆଜି ଗଣ୍ୟ ସାହେବ ବାବୁ, ରମାକାନ୍ତବାବୁ ପଦବୀରେ ।

ରମାକାନ୍ତବାବୁ ପ୍ରାୟ ଦିନର ଅଧିକାଂଶ ସମୟ ଅଫିସରେ କଟାନ୍ତି । ତାଙ୍କୁ ଫୁରୁସତ ମିଳେ ରାତିରେ । ସେ ସେହି ସମୟରେ ଆଶାଲତା ସହିତ ମଉଜ୍ ମଜ୍‌ଲିସ କଥାବାର୍ତ୍ତା ହେବାର ପାଇଥାନ୍ତି ସୁବିଧା ସୁଯୋଗ ।

ସେଦିନ ପୂର୍ଣ୍ଣିମା—

ସୂର୍ଯ୍ୟାସ୍ତ ପରେ ଚନ୍ଦ୍ରଙ୍କର ରଜତ ଜ୍ୟୋତ୍ସ୍ନା ବିଛେଇ

ହୋଇଗଲା ଧରା ପୃଷ୍ଠରେ । ଧରଣୀରାଣୀ ଶୋଭା ପାଇଲା ଶୁକ୍ଳାମ୍ବର ଶାଢ଼ୀ ପରିଧାନ କରି ।

ମୁକ୍ତ ପବନ ସେବନ କରିବା ପାଇଁ ରମାକାନ୍ତ ବାବୁ ଓ ତାଙ୍କର ସ୍ତ୍ରୀ ଆଶାଲତା ଦେବୀ ଠିଆ ହୋଇଥିଲେ କୋଠା ଉପରେ ।

"ଆଶାଲତା ତୁମକୁ ମୁଁ ମୋର ସହଧର୍ମିଣୀ ରୂପେ ପାଇ ନିଜକୁ ବଡ଼ ଭାଗ୍ୟବାନ୍ ମନେ କରୁଛି ? ମନେ ପଡ଼ୁଛିକି ସେଦିନ ଟ୍ରେନ୍‌ର କଥା ? "ଯୁଗଭାରତୀ" ହିଁ ଆମ ଦି'ଜଣଙ୍କ ମଧ୍ୟରେ କରିଥିଲା ପ୍ରେମବୀଜ ବପନ ଓ ସେହି ପ୍ରେମବୀଜ ଆଜି ଅଙ୍କୁରିତ ହୋଇ ଲତାରୂପେ ମାଡ଼ି ଯାଇଅଛି"—କହିଲା ରମାକାନ୍ତ ବାବୁ ।

"ସତେତ, ସେଦିନ ପ୍ରକୃତରେ କି ଶୁଭଦିନ ଆମର— ଆମ ଦି' ଜଣଙ୍କର ମନ, ଦେହ, ଆତ୍ମା ଆଜି ଏକ ହୋଇଯାଇଛି ଓ ମୁଁ ଧନ୍ୟା ହୋଇଛି, ତୁମକୁ ପାଇ ପୂଜ୍ୟ ଦେବତା ରୂପେ, ସେହି ଶୁଭ ଦିବସ ପାଇଁ ସିନା ?—କହିଲା ଆଶାଲତା ।

"ଆଶା ! ଆଜି କେଡ଼େ ସୁଖୀ ମୁଁ ? ଦିବସର କର୍ମକ୍ଳାନ୍ତ ସବୁ ତୁମକୁ ଦେଖିଲେ ଭୁଲିଯାଏଁ ? କେଉଁ ସ୍ରଷ୍ଟା ଗଢ଼ିଥିଲା ତୁମକୁ ଯୁଗ ଯୁଗ ଧରି ଉପହାର ଦେବାପାଇଁ ମୋତେ ? ଧନ୍ୟ ସ୍ରଷ୍ଟା ! ଧନ୍ୟ ତୁମର ବିଚିତ୍ର ସୃଷ୍ଟି !

( କୋଡ଼ିଏ )

ହେ ଚିନ୍ମୟ ସୁନ୍ଦର—

'ଏତିକି ପ୍ରାର୍ଥନା ମୋର
ଚରଣେ ତୁମର,
ଚିରଦିନ ଅକ୍ଷୁର୍ଣ୍ଣ ରଖ—
ମିଳନ ଆମର ।

କହିଲେ ରମାକାନ୍ତ ବାବୁ । ଆଉ ଆଉ ସେତିକି ରୂପର ବାହାଦୁରୀ ମୋର ?

ଆଉ ତୁମେ················କହିଲା ଆଶାଲତା ।

'ସତେ ରାଣୀ ! ସତେ
ବଡ଼ ଭଲ ଲାଗେ
ତୁମକୁ ଗୋ ମୋତେ ?"
ଗଗନର ଶଶୀଠାରୁ
ସୁନ୍ଦର ତବ ଆନନ,
ନ ହୋଇବ ମୁଗ୍ଧ କିଏ—
ଦେଖିତବ ଉଚ୍ଛଳା-ଯୌବନ ?
ଆସ, ଆସ, ଆସ ପ୍ରିୟେ ।
ଶୀତଳ ହେଉ ମୋର
ଉତପ୍ତ-ପରାଣ ?

ଏହା କହି ରମାକାନ୍ତ ବାବୁ ଆଶାଲତାକୁ ଟାଣିନେଲେ ନିଜ କୋଳକୁ । ଆଶାଲତା ଛୋଟ ଶିଶୁଟି ପରି ଢଳି ପଡ଼ିଲା ରମାକାନ୍ତ ବାବୁଙ୍କ ବକ୍ଷ ଉପରେ ।

( ଏକୋଇଶ )

## —ସାତ—

ବର୍ଷକ ପରେ, ଆଶାଲତା ଗୋଟିଏ ସୁନ୍ଦର ପୁଅର ମାଆ ହେଲା । ସେ ନିଜ ପୁଅକୁ କୋଳରେ ଧରି, ତାକୁ ଗେଲକରି ଆନନ୍ଦ ଲଭିକଲା ।

ରମାକାନ୍ତବାବୁ ଦେଖିଲେ ଆଶାଲତା ତାଙ୍କୁ ଆଉ ଆଗପରି ବେଶୀ ସ୍ନେହ କରୁନାହିଁ । ପୁଅର ଲାଳନ ପାଳନରେ ସେ ବ୍ୟସ୍ତ । ରମାକାନ୍ତବାବୁ ଭାବିଲେ, ଓହୋ, ନାରୀମାନେ କଣ ଏଇଥି ପାଇଁ ପୁତ୍ର କାମନା କରନ୍ତି ? ପୁତ୍ର ଲଭ ପାଇଁ କେତେ ବାର, ବରତ, ଦିଅଁ ସେବା କରନ୍ତି ? ପୁତ୍ର ପାଇଁ ନିଜକୁ ଗର୍ବୀତା ମନେ କରନ୍ତି ? ନିଜର ସ୍ୱାମୀକୁ ପୁତ୍ର ଲଭ ପରେ ହତାଦର କରିବା ପାଇଁ ? ନିଜର ସ୍ୱାମୀକୁ ଗୃହ ଜଞ୍ଜାଳ ଭିତରକୁ ଠେଲିଦେଇ ଘାଣ୍ଟି, ଚକଟି ମରିଇବା ପାଇଁ ?

× × × ×

ଭୃଙ୍ଗ ଯେପରି ସଦ୍ୟ ପ୍ରସ୍ଫୁଟିତ ପୁଷ୍ପରୁ ମଧୁ ଶୁଷି ଉଡ଼ିଯାଏ ଅନ୍ୟ ପୁଷ୍ପକୁ ଓ ମଧୁ ଚାଖିଥିବା ପୁଷ୍ପକୁ ଆଦର କରେନାହିଁ, କେତେକ ମଣିଷ ମଧ୍ୟ ଠିକ୍ ସେହିପରି ଚାହିଁଥାନ୍ତି—ଗୋଟିକ ପରେ ଗୋଟିଏ ନବୀନା କିଶୋରୀର ପ୍ରେମ ମଦିରା ପାନ କରିବାକୁ ।

ରମାକାନ୍ତବାବୁଙ୍କ ମତ ଗତି ଦିନୁ ଦିନ ପରିବର୍ତ୍ତନ ହେବାକୁ ଲାଗିଲା । ସେ ଦିନେ ଦିନେ ରାତିରେ ଖୁବ୍ ଡେରିରେ ଆସନ୍ତି ଘରକୁ । ଆଶାଲତା ପଚାରିଲେ ଫାଙ୍କିଦେଇ କହନ୍ତି, ଅଫିସରେ ବହୁତ କାମଥିଲା । ମଣିଷ କଣ କରିବ ? ଚାକିରି କଲେ ତାକୁ ହରାଇବାକୁ ପଡ଼ିଥାଏ ତାର 'ସ୍ୱାଧୀନତା ? ଘର ପୋଡ଼ିଯାଉ, ପିଲା କୁଟୁମ୍ବ ଭୋକରେ ମରନ୍ତୁ, ସେମାନଙ୍କ କଥା ଭାବିବାକୁ ନଥାଏ ଅବସର ?

ସରଳା ଆଶାଲତା ସ୍ୱାମୀଙ୍କ କଥାକୁ ବିଶ୍ୱାସ କରେ । ପ୍ରତିବାଦ କରେନି ।

ରମାକାନ୍ତବାବୁ ଏପରି ଅନେକ ଦିନ ରାତିରେ ଏଣିକି ଖୁବ୍ ଡେ଼ରିରେ ଆସନ୍ତି ଓ ନିଜ ସ୍ତ୍ରୀ ଆଗରେ ନାନା କଥାକହି ଫାଙ୍କି ଦିଅନ୍ତି । ପ୍ରଥମେ ଆଶାଲତାବିଶ୍ୱାସ କରୁଥିଲା ମାତ୍ର ପରେ କଲା ସନ୍ଦେହ ସେ, ତାର ସନ୍ଦେହ ପ୍ରକୃତରେ ହେଲା ଯଥାର୍ଥ । ରମାକାନ୍ତବାବୁ ରାତିରେ ଆସି ତାଙ୍କ ସ୍ତ୍ରୀଙ୍କ ଆଗରେ ବକର ବକର ହୁଅନ୍ତି ଓ ତାକୁ ଗାଳି, ମାଡ଼ ଦିଅନ୍ତି ।

ଆଶାଲତା ଦେଖିଲା ତାର ସ୍ୱାମୀଙ୍କ ମନ ପରିବର୍ତ୍ତିନ ହୋଇ ଯାଇଛି ଏ ମଧ୍ୟରେ ଓ ସେ କୁ ସଂସର୍ଗରେ ରହି ଚରିତ୍ର ହୀନ ହୋଇ ଗଲେଣି । ମଦ ଖାଇବାର ନିଶା ବଢ଼ି ଚାଲିଛି ଦିନୁ ଦିନ । ଆଶାଲତା ସ୍ୱାମୀଙ୍କୁ ସୁପଥକୁ ଆଣିବା ପାଇଁ କେତେ ବୁଝାଇଲା, କେତେ କାକୁତି ମିନତି ହୋଇ କହିଲା, ମାତ୍ର ତାହା ଅରଣ୍ୟ ରୋଦନ ତୁଲ୍ୟ ହେଲା ବିଫଳ ଓ ରମାକାନ୍ତବାବୁ ଆଶାଲତାକୁ ଗୋଇଠା ମାରି ଚାଲିଲେ ଭୁଲ-ପଥ ।

ଆଶାଲତା କରେ 'କଣ ? ତାକୁ କିଛି ବୁଦ୍ଧି ଦିଶିଲା ନାହିଁ । ସେ ସ୍ୱାମୀଙ୍କର ସମସ୍ତ ଅତ୍ୟାଚାରକୁ ସହିନେଲା ମୁଣ୍ଡପାତି, ନିଜର କର୍ମକୁ ଆଦରି ।

( ଚବଶ ')

## —ଆଠ—

ସାଗରିକା ପ୍ରସିଦ୍ଧ ବେଶ୍ୟା । ତା' କବଳରେ ପଡ଼ି କେତେ ଡାକ୍ତର, ମାଜିଷ୍ଟ୍ରେଟ୍, ଓ ଧନୀବ୍ୟକ୍ତି ସର୍ବସ୍ୱାନ୍ତ ହୋଇ ଯାଇଛନ୍ତି ।

ମହାକାଳ ଫଳ ପରି ସାଗରିକାର ବାହ୍ୟବେଶ ବେଶ୍ ଚାକଚକ୍ୟ । ସେ ଆଠ, ଦଶଥର ଶାଢ଼ୀ ପରିବର୍ତ୍ତନ କରେ ଦିନକୁ । ଯେ ତାର ଗୃହାଣୀରେ ପଡ଼େ ସେ ତାକୁ ଆଉ ଭୁଲିପାରେ ନାହିଁ । ମଣିଷମାନଙ୍କୁ ଶୋଷଣ କରିବାର ନୀତି ତାକୁ ବେଶ୍ ଜଣା । ସେତ ଯେମିତି ଗୋଟିଏ ନରକର କୀଟ ।

ରମାକାନ୍ତ ବାବୁ ରାତିରେ ବୁଲି, ତିନିଜଣ ସାଥୀଙ୍କ ସଙ୍ଗରେ ଯାନ୍ତି ସାଗରିକାର ଘରକୁ । ସେଇଠି ସେ ମଦ ଖାଇ ଜ୍ଞାନ ହରାଇ, ସାଗରିକାର ପ୍ରେମରେ ବୁଡ଼ି ହୁଅନ୍ତି ଆତ୍ମହରା । ସେ ପ୍ରଶଂସା କରନ୍ତି ସାଗରିକାର ରୂପକୁ ଓ ଭୁଲିଯାନ୍ତି ସରଳ ହୃଦୟା ଆଶାଲତାକୁ । ବେଶ୍ ମଉଜ ମଜଲିସ୍ ଚାଲେ ସେଇଠି ଅନେକ ରାତିଯାଏଁ ।

ସାଗରିକାର ଘରକୁ ପ୍ରତିଦିନ ଯିବାର ଅଭ୍ୟାସ ବଢ଼ି ଚାଲିଲା ରମାକାନ୍ତଙ୍କର । ସେ କେତେ ମାସ ଭିତରେ ହୋଇଗଲେ ଜଣେ ଚରିତ୍ରହୀନ ମଦ୍ୟପୀ । ତାଙ୍କର ଦିନକୁ ଦିନ ଅର୍ଥ ଅପବ୍ୟୟର ମାତ୍ରା ବଢ଼ିବା ସଙ୍ଗେ ସଙ୍ଗେ ଘରର ଅଭାବ ବଢ଼ି ଚାଲିଲା । ସେଦିନସାରା ଖଟି ଝାଳବୁହା ପରିଶ୍ରମ କରି ଯେଉଁ ଅର୍ଥ ଉପାର୍ଜନ କରୁଥିଲେ, ତାହା ରାତିରେ ଅକାତରେ ଢାଳି ଦେଉଥିଲେ ସାଗରିକାକୁ ।

ତିନିବର୍ଷ ପରେ—

ରମାକାନ୍ତ ବାବୁ ସର୍ବସ୍ୱାନ୍ତ ହୋଇ ପଡ଼ିଲେ ସାଗରିକାର ପ୍ରେମରେ ପଡ଼ି, ଓ ମଦ୍ୟପାନ କରି । ବରାବର ଅର୍ଥାଭାବ ଲାଗି ରହିଲା ତାଙ୍କୁ । ସେ ନିଜ ସ୍ତ୍ରୀର ଅଳଙ୍କାର ଆଦି ବଳାତ୍କାରରେ ନେଇ ବିକ୍ରିକରି ଟଙ୍କାତକ ଦେଲେ ସାଗରିକାକୁ ।

ସେଦିନ—

ରମାକାନ୍ତବାବୁ ମଦ୍ୟପାନ କରି ସାଗରିକା ଘରେ ମାତି ଥିଲେ ମଉଜ ମଜଲିସ୍‌ରେ ।

ସାଗରିକା ! ସାଗରିକା ! ରାଣୀମୋର
ଅଟ ତୁମେ ଜଗତର ପରମା ସୁନ୍ଦରୀ ।
କେଡ଼େ ଭାଗ୍ୟବାନ୍ ମୁହିଁ—
ଲଭି ଆଜି ତୁମ ସଙ୍ଗ ?
ହାଃ—ହାଃ—ହାଃ—
ଦିଅ ପ୍ରିୟେ ! ଦିଅ, ଦିଅ ଆଉ ଗ୍ଲାସେ—କହି ସେ ଦୌଡ଼ି

ଗଲା ମଦ ବୋତଲ ପାଖକୁ ଓ ସେଥିରୁ ଏକ ଗ୍ଲାସ ଢାଳି ପିଇଦେଲା ତକ ତକ କରି । ଓଃ କି ତୃପ୍ତି !ତୃପ୍ତି ! କହି ସେ ଢଳି ପଡ଼ିଲେ ତଳରେ ।

ସଜ୍ଞାହୀନ ହେବା ଦେଖି ସାଗରିକା ପକେଟ୍ ଅଣ୍ଡାଳି ମାରିନେଲା ନୋଟ ଓ ଟଙ୍କାତକ ।

× × × ×

ଦିନେ ସାଗରିକା ରମାକାନ୍ତବାବୁଙ୍କୁ ବରାଦ ଦେଲା ସୁନାର ଚେନମାଳି ଗୋଟାଏ ଉପହାର ଦେବା ପାଇଁ ,ତାକୁ । ରମାକାନ୍ତ ବାବୁ ବଡ଼ ମୁସ୍କିଲରେ ପଡ଼ିଲେ । ହାତରେ ଅର୍ଥନାହିଁ । କରିବେ କଣ ? ସେଦିନ ରାତିରେ ସେ ମନ ଦୁଃଖରେ ଗଲେ ସାଗରିକା ପାଖକୁ । ସାଗରିକା ଚେନ୍ ମାଳି ନଦେଖି ମନ ଦୁଃଖରେ ବସି ରହିଲା ଅଭିମାନରେ । ରମାକାନ୍ତବାବୁ ବୋତଲରୁ ମଦ ଢାଳି ପିଇଲେ ଗ୍ଲାସ ଗ୍ଲାସ କରି ମନରେ ଟିକିଏ ଫୁର୍ତ୍ତି ଆଣିବା ପାଇଁ । ମଦର ନିଶା ଲାଗିବାରୁ ସେ କହିଲେ ସାଗରିକା ! ସାଗରିକା ! ଆସ, ଆସ, ରାଣୀମୋର !

"ଛି,— ତୁମକୁ କଣ ଲାଜ ମାଡ଼ୁନି ? ଉପରେ ଉପରେ କହୁଛ ମୋତେ ଭୁଲାଇବା ପାଇ ରାଣୀବୋଲି—କିନ୍ତୁ ତୁମ ହୃଦୟଟିଯେ କପଟ ପୂର୍ଣ୍ଣ ? ମୁଁ ଆଦୌ ବିଶ୍ୱାସ କରି ପାରୁନି ତୁମେ ମୋତେ ଭଲ ପାଅ ବୋଲି ? କିପରିବା ବିଶ୍ୱାସ କରିବି ? କାହିଁ ତୁମେତ ମୋର ଅନୁରୋଧ ରକ୍ଷା କରି ପାରି ନାହିଁ ?"—କହିଲା ସାଗରିକା ।

"ହାଃ—ହାଃ—ହାଃ—ଚେନ୍ ମାଳ ପାଇଁ ଏତେ ଅଭିମାନ, ଏତେ ଆଡ଼ରୁଷା ? ଦେଖିବ ଯାଉଛୁ ଏହିକ୍ଷଣି ଆଣିବ, ଚେନ୍ ମାଳ ? କହି ରମାକାନ୍ତ ବାବୁ ଚାଲିଗଲେ ସେଠାରୁ ।

ଆଶାଲତା ପୁଅ ପାଖରେ ଶୋଇଥିଲା ଶଯ୍ୟାରେ । ରମାକାନ୍ତବାବୁ ଆଶାଲତା ପାଖକୁ ଯାଇ ତା' ବେକରୁ ସୁନାର ଚେନ୍ ମାଳ ଫିଟାଇଲେ । ଆଶାଲତାର ନିଦ ଭାଙ୍ଗିଗଲା । ସେ କେତେ କାକୁତି ମିନତି ହୋଇ କହିଲା, ଚେନ୍ ମାଳଟି ନନେବା ପାଇଁ ।

ଦୁଲ୍ ଦାଲ୍ ପିଠିରେ ପଡ଼ିଲା ମାଡ଼ । ବିଚାରୀର ଆଖିରୁ ଗଡ଼ିଲା ଟୋପା ଟୋପା ଲୁହ । ।ସ୍ୱାମୀଯେ ତାର ଦେବତା—ଗତି ମୁକ୍ତି ଦାତା ତାଙ୍କୁ କହିବ କଣ ?

× × × ×

ସାଗରିକା ସୁନାର ଚେନ୍ ମାଳ ପାଇ ହେଲା ଖୁସି । ତା' ମୁହଁରେ ଫୁଟି ଉଠିଲା କୃତ୍ରିମ ହସ ।

ସାଗରିକା ! ତୁ ନାରୀନୋହୁଁ ? ପିଶାଚୀ ତୁ ? ତୁ ନାରୀହୋଇ ନାରୀର ବେଦନା ବୁଝୁନାହୁଁ ? ଜଣେ ସରଳା ନାରୀକୁ ତୁ କନ୍ଦାଇ ତାର ଅଳଙ୍କାରରେ ସାଜୁ ନିଜକୁ ।

—ନଅ—

ବିଜୟ ତିନି ବର୍ଷର ପୁଅ । ଆଶାଲତାର ଏକମାତ୍ର, ନୟନର ପିତୁଳା । ସେ ପଡ଼ିଛି ରୋଗ ଶଯ୍ୟାରେ । ରୋଗ ବଢ଼ି ଚାଲିଛି । ବିଚାରୀ ଆଶାଲତା କରିବ କଣ ? ଭୋକ, ଶୋଷ ଭୁଲି ଲାଗି ପଡ଼ିଛି ପୁଅର ଚିକିତ୍ସାରେ । ତା ଆଖିରୁ ଗଡ଼ି ପଡ଼ୁଥାଏ ଟୋପା ଟୋପା ଲୁହ । ବିକଳରେ ଡାକୁଥାଏ, ହେ ଭଗବାନ୍ ! ହେ ଭଗବାନ୍ ! ପୁଅକୁ ମୋର ଭଲକରି ଦିଅ ।

ମାଆ, ମାଆ, ପାଣି—ପାଣି—ବାପା, ବାପା, ଚିତ୍କାର କରୁଥାଏ ପିଲାଟି ।

ଆଶାଲତା ପୁଅକୁ ବାଲି ପାଣି ଟୋପାଏ ଟୋପାଏ ଦେଉଥାଏ ଓ ତାକୁ ଚାହିଁ କାନ୍ଦୁଥାଏ । ତା' ହୃଦୟ ବିଦୀର୍ଣ୍ଣ ହେଲପରି ଲାଗୁଥାଏ । ସେ କହୁଥାଏ, ହେ ଭଗବାନ୍ ! ଏ ପୋଡ଼ା ମୁହଁକୁ ନ ନେଇ ପୁଅର ଯନ୍ତ୍ରଣା ଦେଖାଉଛ କାହିଁକି ?

କିଛି ସମୟ ପିବାପରେ ପିଲାଟି ପୁଣି ଚିତ୍କାର କଲା, ବାପା— ବାପା— । ଆଖି ତରାଟି ଚାହିଁଲା ଉପରକୁ । ଶରୀରରୁ ପ୍ରାଣ-

ଆଶାଲତା ମୁଣ୍ଡପିଟି ହୋଇ ଡାକ ଛାଡ଼ିଲା, ବିଜୟ ମୋର ! ବିଜୟ ମୋର !

ତା' ତୁଣ୍ଡରୁ ଆଉ କଥା ବାହାରିଲା ନାହିଁ । ସେ ସଂଜ୍ଞା-ହୀନା ହୋଇ ପଡ଼ି ରହିଲା ତଳେ ।

ଠିକ୍ ସେତିକିବେଳେ—

ରମାକାନ୍ତ ବାବୁ ଫେରିଲେ ଘରକୁ । ସେ ଦେଖିଲେ ବିଜୟ ତାଙ୍କୁ ଛାଡ଼ିକରି ଚାଲି ଯାଇଛି ଅମର ଧାମକୁ । କିଛି-କ୍ଷଣ ଯାଏ ସେ ମୂକବତ୍ ଚାହିଁ ରହିଲେ । ତାଙ୍କ ଆଖିରୁ ଟୋପା ଟୋପା ଅଶ୍ରୁ ଗଡ଼ି ପଡ଼ିଲା । ସେ ଆଶାଲତାକୁ ଚେତ୍ କରାଇ କାନ୍ଦି କାନ୍ଦି କହିଲେ, ଆଶା ! ଆଶା !

ବିଜୟ ! ବିଜୟ ! ମୋର—ଛାଡ଼ି ଚାଲି ଯାଇଛି ଆମକୁ, ହେ ନିଷ୍ଠୁର ଭଗବାନ୍ ! ଏହାକଣ ଆମକୁ ଦେଖାଇବାର ଥିଲା ?

ଆଶା ! ଆଶା ! କ୍ଷମାଦିଅ ମୋତେ ? ମହାପାପୀ ମୁଁ ? ବିଜୟର ମୃତ୍ୟୁ ପାଇଁ ଦାୟୀ ମୁଁ ? ତାକୁ ଔଷଧ ଟୋପାଏ ମଧ୍ୟ ଦେଇ ନଥିଲି ମୁଁ ? ଭୁଲ୍ ପଥେ ଯାଇ ହରାଇ ଥିଲି ମୁଁ ମୋର ବୁଦ୍ଧି, ବିବେକ ଓ କରିଥିଲି ପିଶାଚର କାମ

ଆଉ ତୁମେ—ସତୀ ! ସାଧ୍ୱୀ !

ସହିଚ ଅସହ୍ୟ ଦୁଃଖ, ଯାତନା—ମୋ' ପାଇଁ

—ସମାପ୍ତ—